# ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ,ଚକାପାଦ

**ବିଜ୍ଞାପନ ସଂଖ୍ୟା -୫୮୯ / ତାରିଖ - ୨୯.୦୮.୨୦୨୬**

ଏତଦ୍ବାରା ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ, ଚକାପାଦ ଅଧୀନସ୍ଥ ପିଙ୍ଗଲିକିଆ ଏବଂ ବୁଦୁକାଖୋଲ ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ନିଯୁକ୍ତି ନିମନ୍ତେ ଏହି ବିଜ୍ଞପ୍ତି ଜାରିକରାଗଲା । ଉକ୍ତ ଗ୍ରାମ / ଅଙ୍ଗନ ୱାଡ଼ି କେନ୍ଦ୍ର ସେବା ଅଞ୍ଚଳ ମଧରେ ରେ ବାସ କରୁଥିବା ମହିଳାସ୍ୱେଚ୍ଛାସେବୀ,କେବଳ ଅନୁସୂଚିତ ଜନଜାତି (ଆଦିବାସୀ) ବର୍ଗର ମହିଳା ପ୍ରାର୍ଥୀନି ମାନଙ୍କ ପ୍ରାର୍ଥିନୀ ଭାବରେ (ୱେବସାଇଟ(www.engagement-aws.odisha.gov.in ) ଅନଲାଇନ ମାଧମ ଦରଖାସ୍ତ ଆବେଦନ କରିପାରିବେ । ଅସମ୍ପୂର୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ଓ ଅନ୍ୟ ମାଧମରେ ଦରଖାସ୍ତ ଆଦୌ ଗ୍ରହଣ ଯୋଗ୍ୟ ନୁହେଁ। ଦରଖାସ୍ତ ଆବେଦନ ପୂର୍ବରୁ ପ୍ରାର୍ଥୀନୀ ଉପରୋକ୍ତ ୱେବସାଇଟ ରେ ଉପଲବ୍ଧ କିପରି ଆବେଦନ କରିବା How to Apply for AWW Vacancy କୁ ଭଲ ଭାବରେ ପଢ଼ି ଦରଖାସ୍ତ ଆବେଦନ କରନ୍ତୁ ।

<u>ଖାଲିପଡିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ:</u>

| କ୍ର. ସଂ | ଆବେଦନ କରିବାକୁ ଥିବା ଅଙ୍ଗନବାଡି | ସେକ୍ଟର /ମଣ୍ଡଳ ନାମ | ସମ୍ପୃକ୍ତ ଗ୍ରାମ ଓ ପଡାର ନାମ | ଗ୍ରାମ ପଞ୍ଚାୟତ ନାମ | ସଂରକ୍ଷିତ ପାର୍ଥୀ | ଖାଲି ପଦବୀ ସଂଖ୍ୟା | ଉପ ଜିଲ୍ଲାପାଳ ବାଲିଗୁଡାଙ୍କ ପତ୍ର ସଂଖ୍ୟା, |
|---|---|---|---|---|---|---|---|
| ୦୧ | ପିଙ୍ଗଲିକିଆ | ଚକାପାଦ | ପିଙ୍ଗଲିକିୟା,ମୁଣ୍ଡାସାହି ,ସାନ ନେଡିଗୁଡା,ବ୍ରାହ୍ମଣସାହି,ଖଣ୍ଡିକୁଟି | ବ୍ରାହ୍ମଣପାଦ | ଆଦିବାସୀ (ST) | ୦୧ | ୩୯୬୫ /୦୪.୦୮.୨୦୨୬ |
| ୦୨ | ବୁଦୁକାଖୋଲ | ଚକାପାଦ | ବୁଦୁକାଖୋଲ, ନିରପାଣିଆ | କଖାରୁଝୋଲା | ଆଦିବାସୀ (ST) | ୦୧ | ୩୫୨୩/୦୯.୦୭.୨୦୨୬ |

- ଅନଲାଇନ ଦରଖାସ୍ତ ଆବେଦନ କରିବା ଆରମ୍ଭ ତାରିଖ **-୦୧.୦୯ .୨୦୨୬**
- ଅନଲାଇନ ଦରଖାସ୍ତ ଆବେଦନ କରିବା ଶେଷ ତାରିଖ **-୧୫.୦୯.୨୦୨୬**

**<u>ଆବେଦନକାରୀଙ୍କ ଯୋଗ୍ୟତା ଓ ସର୍ତ୍ତାବଳୀ</u>**

**<u>୧. ବୟସ ସୀମା :</u>**
ପ୍ରାର୍ଥିନୀଙ୍କ ବୟସ ତା,୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ବର୍ଷରୁ ୩୫ ବର୍ଷମଧରେ ହୋଇଥିବା ଆବଶ୍ୟକ।

**<u>୨. ଶିକ୍ଷାଗତଯୋଗ୍ୟତା:</u>**
ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ଦ୍ୱାଦଶ ($12^{th}$) ଉତ୍ତୀର୍ଣ୍ଣହୋଇଥିବା ଆବଶ୍ୟକ। ପାସ ହୋଇନଥିବା ପ୍ରାର୍ଥୀନୀଙ୍କ ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।
(କ) ଅଙ୍ଗନବାଡି କର୍ମୀ ଚୟନ ପାଇଁ ଓଡ଼ିଆ ପଢ଼ି, ଲେଖି ଓ କହି ଜାଣିବା ବାଧ୍ୟତାମୂଳକ ଅଟେ ।
(ଖ) ସେ ଓଡିଆ ବିଷୟଟିକୁ ଏକ ମୂଳ ବିଷୟ ଭାବରେ ମଧମ ଶ୍ରେଣୀ ପରିକ୍ଷାରେ ଉତ୍ତୀର୍ଣ୍ଣହେବା ଆବଶ୍ୟକ|
(ଗ)ଦ୍ୱାଦଶ ($12^{th}$ )ରେ ପ୍ରାପ୍ତ ଶତକଡା ମାର୍କ ଅନୁସାରେ ଆବେଦନକାରିଣୀଙ୍କ ଯୋଗ୍ୟତା ତାଲିକା ପ୍ରସ୍ତୁତ କରାଯିବ। ପ୍ରଥମ ସୁଯୋଗରେ ଫେଲ ହୋଇଥିବା ବିଷୟରେ ପାଇଥିବା ଅଙ୍କକୁ କାଟିବା ଏବଂ ଉକ୍ତ ବିଷୟରେ ପରବର୍ତ୍ତୀ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବା ପରେ ପ୍ରାପ୍ତ ଅଙ୍କକୁ ସେହି ସ୍ଥାନରେ ଯୋଡ଼ାଯାଇ ସେହି ଅନୁସାରେ ଶତକଡା ଗଣନା କରାଯିବ ।

**<u>୩. ଅନ୍ୟାନ୍ୟ ଯୋଗ୍ୟତା</u>** :
୩.୧)ଯଦି ଅଙ୍ଗନୱାଡି କେନ୍ଦ୍ର ସେବାଞ୍ଚଳରୁ କୌଣସି ପ୍ରାର୍ଥିନୀ ଉପଲବ୍ଧ ନ ହୁଅନ୍ତି ତେବେ ସେହି ଗ୍ରାମ ନିକଟସ୍ଥ ଅଞ୍ଚଳରୁ ପ୍ରାର୍ଥିନୀଙ୍କୁ ନିଆଯାଇପାରେ, ଗ୍ରାମ ଅଞ୍ଚଳରୁ ଯୋଗ୍ୟ ପ୍ରାର୍ଥିନୀ ଉପଲବ୍ଧ ନ ହୁଅନ୍ତି ତେବେ ସେହି ଗ୍ରାମ ପଞ୍ଚାୟତର ଆଖପାଖ ଗ୍ରାମ(adjacent village)ର ପ୍ରାର୍ଥିନୀଙ୍କୁ ଅଙ୍ଗନୱାଡି ଚୟନ ପାଇଁ ବିଚାର କରାଯାଇ ପାରେ। ଯଦି ସେ ସମସ୍ତ ଯୋଗ୍ୟତା ଥାଇ ଉପଯୋଗୀ ହୋଇଥିବେ ।
୩.୨) ଏହି ବ୍ଲକରେ ପୂର୍ବତନ ବାଳସେବିକା ହିସାବରେ କାର୍ଯ୍ୟକରିଥିଲେ ଏବଂ ପାଞ୍ଚବର୍ଷର ଅଭିଜ୍ଞତାଥାଇ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତାଥିଲେ ତାଙ୍କୁ ଅଙ୍ଗନୱାଡି କର୍ମୀ ରୂପେଚୟନ କରାଯାଇପାରିବ, ଯଦିସେସମସ୍ତ ଯୋଗ୍ୟତା ଥାଇ ଉପଯୋଗୀ ହୋଇଥିବେ।
କ) ଅଙ୍ଗନୱାଡି କର୍ମୀ ଚୟନ ପାଇଁ ବାଳସେବିକାଙ୍କ ବୟସ ୩୫ ରୁ ଅଧିକ ହୋଇଥିଲେ ତାଙ୍କ ଅଭିଜ୍ଞତା ଅନୁଯାୟୀ ତାଙ୍କ ବୟସ ସୀମାକୁ ୧୦ ବର୍ଷ କୋହଳ କରାଯାଇପାରିବ ଯଦି ସେ ଆବେଦନ କରିଥାନ୍ତି ।
ଖ) ମିନି ଅଙ୍ଗନବାଡି କର୍ମୀଙ୍କ ସମସ୍ତ ଆବଶ୍ୟକୀୟ ଯୋଗ୍ୟତା ଥାଇ ଏକ ବର୍ଷ ର ଅଙ୍ଗନବାଡି କର୍ମୀ ଅଭିଜ୍ଞତା ଥାଏ ତେବେ ତାଙ୍କୁ ସେହି ଅଙ୍ଗନ ୱାଡି କେନ୍ଦ୍ର କର୍ମୀପଦବୀ ପାଇଁ ଚୟନ କରାଯାଇ ପାରିବ ।
ଗ) ଅଙ୍ଗନୱାଡି ସହାୟିକାଙ୍କ ସମସ୍ତ ଆବଶ୍ୟକୀୟ ଯୋଗ୍ୟତା ଥାଇ ପାଞ୍ଚ ବର୍ଷ ର ଅଭିଜ୍ଞତା ଥାଏ ତେବେ ତାଙ୍କୁ ଅଙ୍ଗନ ୱାଡି କର୍ମୀ ପଦବୀ ପାଇଁ ଚୟ କରାଯାଇ ପାରିବ ।
ଘ)ଆବେଦନକାରିଣୀ ସମ୍ପୃକ୍ତ ଅଙ୍ଗନବାଡିକେନ୍ଦ୍ରର ଦାୟିତ୍ୱ ରେ ଥିବା ଅଙ୍ଗନବାଡି କର୍ମୀଙ୍କ ଠାରୁ ଅଙ୍ଗନବାଡି କେନ୍ଦ୍ର ପରିସରଭୁକ୍ତ ବାସିନ୍ଦାପ୍ରମାଣ ପତ୍ର ସହ ପ୍ରଦାନ କରିବେ।

**<u>୪. ନିଯୁକ୍ତି ସମ୍ପର୍କୀୟ ସର୍ତ୍ତାବଳି:</u>**

ଅଙ୍ଗନୱାଡି କର୍ମୀ ଜଣେ ସ୍ୱେଚ୍ଛାସେବୀ ଅଟନ୍ତି ଯାହାକି ତାଙ୍କୁ ମାସିକଟ, ୧୦,୦୦୦/-ପାରିତୋଷିକ(ଭତ୍ତା) ଦେବା ବ୍ୟବସ୍ଥା ଅଛି। ଏହି ପାରିତୋଷିକ ନିଜ ଅଞ୍ଚଳର ଦୁର୍ବଳ ଶ୍ରେଣୀଶିଶୁ ଓ ଗର୍ଭବତୀମାମାନଙ୍କର ସେବା ନିମନ୍ତେ ଉଦ୍ଦିଷ୍ଟ। ସେ ଜଣେ ସରକାର ଚାକିରିଆ ନୁହନ୍ତି । ଭବିଷ୍ୟତରେ ନିୟମିତ ସରକାରୀ ଚାକିରି ନିମନ୍ତେ ଦାବି କରିପାରିବେନାହିଁ। ଅଙ୍ଗନୱାଡିକର୍ମୀ କିମ୍ବା ତାଙ୍କ ନିମିତ୍ତ ORV Act(for SC &57 1975 G Employment Exchange (Compulsory Notification of vacancies) Act, 1959 ନିୟମ ଲାଗୁହେବା ବ୍ୟବସ୍ଥା ନାହିଁ । କର୍ମୀଙ୍କ କାର୍ଯ୍ୟରେ ଯଦି କୌଣସି ଗୁରୁତର ତ୍ରୁଟି ପରିଲକ୍ଷିତ ହୁଏ ବା ସେ ପଞ୍ଚାୟତି ରାଜବ୍ୟବସ୍ଥାରେ ଯେ କୌଣସି ପ୍ରତିନିଧ ଭାବରେ ନିର୍ବାଚିତ ହୁଅନ୍ତି ତେବେ ତାଙ୍କୁ କେନ୍ଦ୍ର କାର୍ଯ୍ୟରୁ ଅନ୍ତର କରାଯିବ।

**<u>୫ . ଆବେଦନ ପତ୍ର ଦାଖଲ ପାଇଁ ଅବଶ୍ୟକୀୟ ପ୍ରମାଣ ପତ୍ର :</u>**

(ଆବେଦନ ସମୟରେ, ନିମ୍ନ ଲିଖିତ ପ୍ରମାଣ ପତ୍ର, ସାର୍ଟିଫିକେଟ, ମାର୍କ ସିଟ (scan) କପି upload କରିବା ବାଧତା ମୂଳକ ଅଟେ ।

I. ଜନ୍ମ ପ୍ରମାଣ ପତ୍ର (ବୟସ) (ଦଶମ (10") ସାର୍ଟିଫିକେଟ)

II. ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଦ୍ୱାଦଶ ଶ୍ରେଣୀ (12") ମାର୍କ ସିଟ, ତା ଠାରୁ ଅଧିକ ଥିବା ଶିକ୍ଷାଗତ ଯୋଗ୍ୟତାର ସାର୍ଟିଫିକେଟ ଓ ମାର୍କ ସିଟ ।

III. ଦଶମ ଶ୍ରେଣୀ (10th) ପାସ ସାର୍ଟିଫିକେଟ ଓ ମାର୍କସିଟ ।

IV.ଆବାସ ପ୍ରମାଣ ପତ୍ର (୬ ମାସ ମଧ୍ୟରେ ହୋଇଥିବା ଆବଶ୍ୟକ) ।

V.ଜାତିଗତ ପ୍ରମାଣ ପତ୍ର (ତହସିଲଦାରଙ୍କ ଠାରୁ ପ୍ରାପ୍ତ) ।

VI.ବର୍ଗ ପ୍ରମାଣପତ୍ର (ଅନାଥ,ଶାରୀରିକ ଅକ୍ଷମ (୪୦%), ସ୍ୱାମୀ ପରିତ୍ୟକ୍ତା, ନିରାଶ୍ରୟ) ।

VII ଅଭିଜ୍ଞତା ପ୍ରମାଣ ପତ୍ର (ବାଳସେବିକା) ।

VIIIଆଧାରକାର୍ଡ ।

IX.କଲର ପାସପୋର୍ଟ ସାଇଜ ଫୋଟ, ଦସ୍ତଖତ ସହିତ ।

X.ଆବେଦନକାରିଣୀ ସମ୍ପୃକ୍ତ ଅଙ୍ଗନବାଡିକେନ୍ଦ୍ରର ଦାୟିତ୍ୱରେ ଥିବା ଅଙ୍ଗନବାଡି କର୍ମୀଙ୍କ ଠାରୁ ଅଙ୍ଗନବାଡି କେନ୍ଦ୍ର ପରିସରଭୁକ୍ତ ବାସିନ୍ଦାପ୍ରମାଣ ପତ୍ର ଦରଖାସ୍ତ ସହ ପ୍ରଦାନ କରିବେ।

XI) ନିର୍ଦ୍ଧାରିତ ତାରିଖପରେ ପ୍ରାପ୍ତି କିମ୍ବା ଅସମ୍ପୂର୍ଣ ଦରଖାସ୍ତକୁ ଗ୍ରହଣକରା ଯିବ ନାହିଁ।

**<u>୬. ପ୍ରାର୍ଥିନୀଙ୍କ ପାଇଁ ସୂଚନା :</u>**

i) ଆବେଦନ ପତ୍ର ଯାଞ୍ଚ ତାରିଖ-**୧୮.୦୯.୨୦୨୬**

ii) ଆବେଦନ ପତ୍ର ଯାଞ୍ଚ ତାରିଖ ଦିନ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରୁ ସମସ୍ତ ଆବେଦନକାରୀ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ସମସ୍ତ ମୂଳପ୍ରମାଣପତ୍ର ସହିତ ଉପସ୍ଥିତ ରହିବେ । ଏଥି ନିମନ୍ତେ କୌଣସି ଯାତାୟତ ଅର୍ଥ ଦିଆଯିବ ନାହିଁ । ପୂର୍ବାହ୍ନ୧୦.୩୦ଘଣ୍ଟା ସୁଦ୍ଧା ସମସ୍ତ ଆବେଦନକାରୀ ପହଞ୍ଚିବା ବାଧତାମୂଳକ ।

(ମୂଳ ପ୍ରମାଣ ପତ୍ର ଯାଞ୍ଚ ଦିବସରେ ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଅଚାନକ ଅନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ପ୍ରାପ୍ତ ହୁଏ, ତେବେ ନିର୍ଦ୍ଧାରିତ ତାରିଖ ଓ ସମୟ ପରିବର୍ତ୍ତନ କରାଯାଇପାରେ ।)

III) ଆବେଦନ ପତ୍ର ଗୁଡିକର ତାଲିକା- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି ତାରିଖ- **୨୦.୦୯.୨୦୨୬ ।**

( ନାକଚ ହୋଇଥିବା ଦରଖାସ୍ତ ନିଜ ଲଗିନ ଆଇଡି ରେ ଜାଣି ପାରିବେ ଓ ପ୍ରାର୍ଥିନୀ ତାଲିକା (www.engagement awc.odisha.gov.in), ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ପଞ୍ଚାୟତ ସମିତି, ସମ୍ପୃକ୍ତ ପଞ୍ଚାୟତ ଓ ଅଙ୍ଗନୱାଡିକେନ୍ଦ୍ର ପରିସର ଗ୍ରାମରେ ଉପଲବ୍ଧ ହେବ।

IV) ସ୍ଥାୟୀ ବାସିନ୍ଦା, ଶିକ୍ଷାଗତ ଯୋଗ୍ୟତା, ଜାତି ଓ ଅନ୍ୟାନ୍ୟ ସମ୍ବନ୍ଧେ ଆପତି / ଅଭିଯୋଗ ଯଦି ଥାଏ ତେବେ ତାହା ଦାଖଲ କରିବା ଶେଷ ତାରିଖ -**୨୭.୦୯.୨୦୨୬** (ନିର୍ଧାରିତ ତାରିଖ ମଧ୍ୟରେ ଅଭିଯୋଗ ଅନଲାଇନ ମାଧ୍ୟମରେ ନିମ୍ନ ବର୍ଣ୍ଣିତ ପୋର୍ଟାଲ (www.engagement awe odisha.gov.in) ରେ ନିଜସ୍ୱ ଦେଇପାରିବେ)।

ଓଡିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ଭୁବନେଶ୍ୱରଙ୍କ ଅଙ୍ଗନୱାଡ଼ି ଚୟନ ନିର୍ଦ୍ଦେଶାବଳୀ ସଂଖ୍ୟା ୫୫୬୪ /WCD ତା ୦୭.୦୩.୨୦୨୪ ଅନୁଯାୟ ଅନ୍ତିମ ତାଲିକା ପ୍ରକାଶନ ତାରିଖ ଠାରୁ ୯୦ଦିନ ପାଇଁ ଅନ୍ତିମ ଚୟନ ତାଲିକା କାର୍ଯ୍ୟକାରୀ ହେବ | ଯଦି ସର୍ବାଧିକ ମାର୍କ ରଖି ଅଙ୍ଗନବାଡି କର୍ମୀ ପଦବୀ ପା ଚୟନ ହୋଇଥିବା ପ୍ରାର୍ଥୀ ଏହି ପଦରେ ଯୋଗ ଦିଅନ୍ତି ନାହିଁ କିମ୍ବା ସେ ଇସ୍ତଫା ଦିଅନ୍ତି ତେବେ ଚୟନ ତାଲିକାରେ ଥିବା ଅନ୍ୟ ପ୍ରାର୍ଥୀମାନେ କ୍ରମାଗତ ଭାବରେ ଜଡିତ ହେବେ |

ଓଡିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ଭୁବନେଶ୍ୱରଙ୍କ ଅଙ୍ଗନୱାଡ଼ି ଚୟନ ନିର୍ଦ୍ଦେଶାବଳୀ,ସଂଖ୍ୟା,୪୫୯୭/୨୩.୦୨.୨୦୨୬, ୧୫୦୧୫ତା ୧୫.୦୭.୨୦୨୪, ୫୫୬୪/WCD ତା ୦୭.୦୩.୨୦୨୪,୪୯୭୦/WCD ତା ୧୫.୦୩.୨୦୨୩ ଓ ୨୮୨୦ /WCD,ତା -୧୦.୦୨ .୨୦୨୩ ପ୍ରକାରେ ଚୟନ ପକ୍ରିୟା କରାଯିବ ।

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ,
ଚକାପାଦ

ଜ୍ଞାପକ ସଂଖ୍ୟା - ୬୮୦ ତାରିଖ - ୨୮. ୦୮. ୨୦୨୬

ଏହାର ଏକକିତା ନକଲ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର / ସମ୍ପୃକ୍ତ ଗ୍ରାମ ପଞ୍ଚାୟତ / ପଞ୍ଚାୟତ ସମିତି ଚକାପାଦ/ ତହସିଲଦାର,ଚକାପାଦ / ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ,ଚକାପାଦ / ଗୋଷ୍ଠୀ ଶିକ୍ଷା ଅଧିକାରୀ, ଚକାପାଦ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ଚକାପାଦ ବିଜ୍ଞାପନ ଫଳକରେ ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ସ୍ଥାନିତ କରିବା ପାଇଁ ପ୍ରେରଣ କରାଗଲା / ସମ୍ପୃକ୍ତ ମଣ୍ଡଳ ପରିଦର୍ଶୀକାଙ୍କ ଅବଗତ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା ଯେ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଗ୍ରାମରେ ବହୁଳ ପ୍ରଚାର କରିବେ ।

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ,
ଚକାପାଦ

ଜ୍ଞାପକ ସଂଖ୍ୟା - ୬୮୧ ତାରିଖ - ୨୮. ୦୮. ୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ବାଲିଗୁଡ଼ା / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କନ୍ଧମାଳଙ୍କ ସଦୟ ଅବଗତ ନିମନ୍ତେ ପ୍ରେରଣ କରାଗଲା ।

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ,
ଚକାପାଦ